# NATIONAL NEWS BULLETIN (ODIA)

## 17 January - 2026

## Morning Bulletin : 7.15 a.m.

*************************************

## ମୁଖ୍ୟ ସମ୍ବାଦ

- ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ଜାତୀୟ ସଂଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ପ୍ରଦର୍ଶନ କରାଯିବ ସ୍ୱତନ୍ତ୍ର ସାମରିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ।
- ଇରାନ୍ ପରିସ୍ଥିତି ନେଇ ସେଠାରେ ରହୁଥିବା ଭାରତୀୟମାନଙ୍କୁ ସମସ୍ତ ସହାୟତା ଯୋଗାଇବା ଲାଗି ଭାରତ ପ୍ରସ୍ତୁତ ।

ଏବଂ

- ତିନି ଦିନିଆ ଭାରତ ଗସ୍ତରେ ଆଜି ଆସିବେ ପୋଲାଣ୍ଡର ଉପପ୍ରଧାନମନ୍ତ୍ରୀ ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଶୁଭାରମ୍ଭ କରିବେ । ଏହି ଟ୍ରେନ୍ ହାଓଡ଼ା ଏବଂ ଗୁଆହାଟୀର କାମାକ୍ଷା ମଧ୍ୟରେ ଚଳାଚଳ କରିବ । ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ମଧ୍ୟ ଗୁଆହାଟୀ-ହାଓଡ଼ା ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର ଶୁଭାରମ୍ଭ କରିବେ ।  ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ରେ ଯାତ୍ରୀମାନେ କମ୍ ରେଳ ଭଡ଼ାରେ ବିମାନ ସେବା ଭଳି ସେବା ପାଇପାରିବେ ।ଏଥିରେ ଦୂର ଯାତ୍ରା ଶୀଘ୍ର, ନିରାପଦ ଏବଂ ସୁରକ୍ଷିତ ଉପାୟରେ କରାଯାଇପାରିବ । ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ରେ ୧୬ଟି ଆଧୁନିକ କୋଚ୍ ଥିବା ବେଳେ ମୋଟ୍ ୮୨୩ ଜଣ ଯାତ୍ରୀ ଯାତ୍ରା କରିପାରିବେ । ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ଟ୍ରେନ୍ ସାଧାରଣ ଯାତ୍ରୀ, ଛାତ୍ରଛାତ୍ରୀ, ବୃତ୍ତିଗତ ବ୍ୟବସାୟୀ ଏବଂ ତୀର୍ଥଯାତ୍ରୀଙ୍କ ପାଇଁ ସହାୟକ ହେବ ।

ସୂଚନା ଅନୁଯାୟୀ ବନ୍ଦେ ଭାରତ ସ୍ଲିପର୍ ଏକ୍ସପ୍ରେସ୍ ଭାରତର ସବୁଠାରୁ ଦ୍ରୁତତମ ଏବଂ ସୁରକ୍ଷିତ ଯାତ୍ରା ଯୋଗାଇଦେବ । ହାଓଡ଼ା-ଗୁଆହାଟୀ ମଧ୍ୟରେ ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ସୁବିଧା ଜନକ ଏବଂ ସୁରକ୍ଷିତ ଯାତ୍ରା ଦିଗରେ ଏହି ଟ୍ରେନ୍ ସହାୟକ ହେବ । ବିଶେଷ କରି ପଶ୍ଚିମବଙ୍ଗ ଏବଂ ଆସାମର ରେଳ ଯାତ୍ରୀମାନେ ଏହାଦ୍ୱାରା ଅଧିକ ଲାଭାନ୍ୱିତ ହେବେ । କାଳିଘାଟ ମନ୍ଦିର ଏବଂ କାମାକ୍ଷାଦେବୀ ମନ୍ଦିର ପରିଦର୍ଶନ କରିବା ଆହୁରି ସହଜ ହୋଇପାରିବ । ନୂଆ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍

ହାଓଡ଼ା-ଗୁଆହାଟୀ ମାର୍ଗରେ ସମୟ ହ୍ରାସ କରିବା ସହ ସରାଇଘାଟ ଏକ୍ସପ୍ରେସ୍ ତୁଳନାରେ ଦ୍ରୁତ ବେଗରେ ଯାତ୍ରା କରିବ । ସରାଇଘାଟ ଏକ୍ସପ୍ରେସ୍ ହାଓଡ଼ା-ଗୁଆହାଟୀ ମଧ୍ୟରେ ୧୭ ଘଣ୍ଟା ସମୟ ନେଉଥିବା ବେଳେ ନୂଆ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ୧୪ ଘଣ୍ଟା ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବ । ଆଞ୍ଚଳିକ ବାଣିଜ୍ୟ ପର୍ଯ୍ୟଟନ ଏବଂ ରୋଜଗାର ତଥା ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ଦିଗରେ ଏହି ଟ୍ରେନ୍ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ଆଜି ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ୪ଟି ପ୍ରମୁଖ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏଥିରେ ବେଲୁରଘାଟ ଓ ହିଲ୍ଲି ମଧ୍ୟରେ ନୂଆ ରେଳ ଲାଇନ୍ ସମେତ ଜଲପାଇଗୁଡ଼ିରେ ପରବର୍ତ୍ତି ପିଢ଼ିର ମରାମତି ସୁବିଧା, ସିଲିଗୁଡ଼ି ଲୋକସେଡ୍‌ର ବିକାଶ କାର୍ଯ୍ୟ ଏବଂ ଜଲପାଇଗୁଡ଼ି ଜିଲ୍ଲାରେ ବନ୍ଦେ ଭାରତ ଟ୍ରେନ୍‌ର ପରିଚାଳନା ଭଳି ବ୍ୟବସ୍ଥା ରହିଛି ।

ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ବାଗୁରୁମ୍ବା ଧୋଉ କାର୍ଯ୍ୟକ୍ରମରେ ଭାଗ ନେବେ । ଆସାମର ଗୁଆହାଟୀର ବୋଡୋ ସମ୍ପ୍ରଦାୟର ଏହା ହେଉଛି ଏକ ଐତିହ୍ୟ ପର୍ବ । ଏଥିରେ ୧୦ ହଜାରରୁ ଅଧିକ ବୋଡୋ ସମ୍ପ୍ରଦାୟର କଳାକାର ବାଗୁରୁମ୍ବା ନୃତ୍ୟ ପରିବେଶଣ କରିବେ ।

# ଓମ୍ ବିର୍ଲା

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଯେ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ସ୍ୱଚ୍ଛ, ଅନ୍ତର୍ଭୁକ୍ତ, ପ୍ରତିକ୍ରିୟାଶୀଳ ଏବଂ ଲୋକଙ୍କ ପ୍ରତି ଉତ୍ତରଦାୟୀ ହେଲେ ଦୃଢ଼ ଏବଂ ପ୍ରାସଙ୍ଗିକ ରହିପାରିବେ। ଶ୍ରୀ ବିର୍ଲା ଗତକାଲି ନୂଆଦିଲ୍ଲୀରେ ସମାପ୍ତ ହୋଇଥିବା ରାଜ୍ୟଗୋଷ୍ଠୀ  ବାଚସ୍ପତି ଏବଂ ପୀଠାସୀନ ଅଧିକାରୀଙ୍କ ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ଏହି ଆଲୋଚନାଗୁଡ଼ିକ ସଂସଦଗୁଡ଼ିକୁ ଅଧିକ ଲୋକକେନ୍ଦ୍ରିକ, ଉତ୍ତରଦାୟୀ ଏବଂ ପ୍ରଭାବଶାଳୀ କରିବ ।

# ଥିମ୍ ବନ୍ଦେ ମାତରମ୍ – ରିପବ୍ଲିକ୍ ଡେ

ଚଳିତ ବର୍ଷ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଦେଶର ଜାତୀୟ ସଂଗୀତ ବନ୍ଦେ ମାତରମ୍ ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର ସାମରିକ ଓ ସାଂସ୍କୃତିକ ପ୍ରଦର୍ଶନ କରାଯିବ । ଗତକାଲି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରତିରକ୍ଷା ସଚିବ ରାଜେଶ କୁମାର କହିଛନ୍ତି, ଏହି ପ୍ରଦର୍ଶନୀ ଆତ୍ମନିର୍ଭର ଭାରତ ସମେତ ଜାତୀୟ ସଂଗୀତ ପ୍ରତି ସ୍ୱତନ୍ତ୍ର ଉପସ୍ଥାପନା ହେବ ।

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ର ବିଷୟବସ୍ତୁ ରହିଛି, 'ବନ୍ଦେ ମାତରମ୍‌ର ୧୫୦ ବର୍ଷ' । ଏଥିରେ ୧୯୨୩ ମସିହାରେ ତେଜେନ୍ଦ୍ର କୁମାର ମିତ୍ରଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ କର୍ତ୍ତବ୍ୟପଥ ପରେଡ୍‌ରେ ସ୍ଥାନ ପାଇବ । ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଭାରତୀୟ ସେନା, ନୌସେନା, ବାୟୁସେନା, ତଟ ସୁରକ୍ଷା ବାହିନୀ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସୁରକ୍ଷାବଳ ଦ୍ୱାରା ବନ୍ଦେ ମାତରମ୍‌ର ବିଭିନ୍ନ ଶୈଳୀରେ ବ୍ୟାଣ୍ଡ୍ ବାଦନ କରାଯିବ । ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମ ସ୍ଥାନ ସମେତ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଏହି ବ୍ୟାଣ୍ଡବାଦନ କରାଯିବ ।

ଅନ୍ୟ ପକ୍ଷରେ ସ୍ୱତନ୍ତ୍ର କା ମନ୍ତ୍ର – ବନ୍ଦେ ମାତରମ୍ ଏବଂ ସମୃଦ୍ଧି କା ମନ୍ତ୍ର – ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଜରିଆରେ ବନ୍ଦେ ମାତରମ୍ ପ୍ରଜ୍ଞାପନ ମେଢ଼ ପରେଡ୍‌ରେ ଅଂଶଗ୍ରହଣ କରିବେ । ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ବନ୍ଦେ ମାତରମ୍ ଏବଂ ଆତ୍ମନିର୍ଭର ଭାରତ ଅଧୀନରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ୨୦୦ ଜଣ ପ୍ରତିଯୋଗୀଙ୍କୁ ପରେଡ୍ ଦେଖିବାର ସୁଯୋଗ ମିଳିବ । କର୍ତ୍ତବ୍ୟପଥରେ ପ୍ରାୟ ଅଢ଼େଇ ହଜାର ସାଂସ୍କୃତିକ କଳାକାର ସେମାନଙ୍କ କଳା ପ୍ରଦର୍ଶନ କରିବେ ।

# ଏମ୍ଇଏ-ଇରାନ୍

ଇରାନ୍‌ରେ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ ଭାରତ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଗତକାଲି ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଇରାନ୍‌ରେ ରହୁଥିବା ଭାରତୀୟମାନଙ୍କ ସୁବିଧା ଲାଗି ଯାହା ସବୁ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେଥିଲାଗି ଭାରତ ପ୍ରସ୍ତୁତ ରହିଛି । ସେ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ନଅ ହଜାରରୁ ଅଧିକ ନାଗରିକ ଇରାନ୍‌ରେ ବସବାସ କରୁଛନ୍ତି । ସେ କହିଛନ୍ତି, ଇରାନର ପରିସ୍ଥିତିକୁ ବିଚାର କରି ମନ୍ତ୍ରଣାଳୟ ଭାରତୀୟମାନଙ୍କୁ ଇରାନ ଗସ୍ତରୁ ଦୂରେଇ ରହିବାକୁ ପରାମର୍ଶ ଜାରି କରିସାରିଛି ।

ଚାବାହାର ବନ୍ଦର ସମ୍ପର୍କରେ, ଶ୍ରୀ ଜୟସ୍ୱାଲ କହିଛନ୍ତି, ଗତ ବର୍ଷ ଅକ୍ଟୋବର ୨୮ ରେ ଆମେରିକାର ଟ୍ରେଜେରୀ ବିଭାଗ ସର୍ତ୍ତମୂଳକ ପ୍ରତିବନ୍ଧକ ଛାଡ଼ ଉପରେ ମାର୍ଗଦର୍ଶନର ରୂପରେଖା ପ୍ରଦାନ କରି ଏକ ପତ୍ର ଜାରି କରିଥିଲା, ଯାହା ଚଳିତ ବର୍ଷ ଏପ୍ରିଲ ୨୬ ପର୍ଯ୍ୟନ୍ତ ବୈଧ ରହିଛି । ସେ କହିଛନ୍ତି, ଭାରତ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାରେ ଆମେରିକା ପକ୍ଷ ସହିତ ଜଡିତ ରହିଛି ।

ଜାପାନ ସହିତ ପ୍ରତିରକ୍ଷା ସହଯୋଗ ସମ୍ପର୍କରେ ସେ କହିଛନ୍ତି, ଭାରତ-ଜାପାନ ପ୍ରତିରକ୍ଷା ସହଯୋଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ସେ କହିଛନ୍ତି, ଜାପାନର ବୈଦେଶିକ ମନ୍ତ୍ରୀ ତିନି ଦିନିଆ ଭାରତ ଗସ୍ତରେ ଅଛନ୍ତି। ସେ ୧୮ତମ ଭାରତ-ଜାପାନ ରଣନୈତିକ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ଆଲୋଚନା ସମୟରେ, ଉଭୟ ନେତା ବହୁମୁଖୀ ଦ୍ୱିପାକ୍ଷିକ ସମ୍ପର୍କ ନେଇ ସମୀକ୍ଷା କରିଥିବା ବେଳେ ନିବେଶ, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା ଏବଂ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ଦିଗରେ ଉଭୟ ନେତା ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ।

## ବିଏମ୍‌ସି ପୋଲ୍ ରେଜଲ୍ଟ

ବ୍ରିହାନ୍ ମୁମ୍ବାଇ ନଗର ନିଗମ ନିର୍ବାଚନ ବିଜେପି ଏବଂ ଏବଂ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ମେଣ୍ଟ ୨୨୭ ଆସନରୁ ୧୧୮ ଆସନରେ ବିଜୟୀ ହୋଇ ବହୁମତ ହାସଲ କରିଛି। ଏହି ନିର୍ବାଚନରେ ବିଜେପି ୮୯ ଆସନ ଅକ୍ତିଆର କରିଥିବାବେଳେ ସିନ୍ଦେଙ୍କ ନେତୃତ୍ୱାଧୀନ ସେନା ୨୯ଟି ଆସନରେ ବିଜୟ ଲାଭ କରିଛି । ବ୍ରିହାନ୍ ମୁମ୍ବାଇ ନଗର ନିଗମ ପାଇଁ ୧୧୪ ଆସନ ଆବଶ୍ୟକ ଥିବାବେଳେ ମେଣ୍ଟ

୧୧୪ ଆସନ ଅତିକ୍ରମ କରିଛି । ଶିବସେନା **(UBT)-MNS-NCP (SP)** ମେଣ୍ଟ ୭୨ଟି ଆସନରେ ବିଜୟ ଲାଭ କରିଛି ।

## ପୋଲାଣ୍ଡ-ଡେପୁଟି ପିଏମ୍

ପୋଲାଣ୍ଡର ଉପପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ରାଡୋସ୍ଲା ସିକୋରସ୍କି ଆଜିଠାରୁ ତିନି ଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ଆସନ୍ତାକାଲି ସେ ରାଜସ୍ଥାନର ଜୟପୁରରେ ଜୟପୁର ସାହିତ୍ୟ ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ଗସ୍ତର ଶେଷ ଦିନରେ ସେ ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବେ ।

## ଫର୍ଟିଲାଇଜର୍

କେନ୍ଦ୍ର ସରକାର ୨୦୨୪-୨୫ ବର୍ଷରେ କୃଷକମାନଙ୍କ ଆବଶ୍ୟକତାକୁ ସମୟସୀମା ମଧ୍ୟରେ ପୂରଣ କରିବା ପାଇଁ ରେକର୍ଡ ପରିମାଣର ସାର ଉପଲବ୍ଧତା ସୁନିଶ୍ଚିତ କରିଛନ୍ତି। କେନ୍ଦ୍ର ରାସାୟନିକ ଏବଂ ସାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଦେଶରେ ପ୍ରାୟ ୧୫୨

ଦଶମିକ୍ ୫/୦ କୋଟି ବ୍ୟାଗ ସାରର ଆବଶ୍ୟକତା ସତ୍ତ୍ୱେ ସରକାର ପ୍ରାୟ ୧୭୬ ଦଶମିକ୍ ୭/୯ କୋଟି ବ୍ୟାଗ ସାର ଉପଲବ୍ଧ କରାଇଛନ୍ତି।

ସୂଚନା ଅନୁଯାୟୀ ରେଳ କର୍ତ୍ତୃପକ୍ଷ, ବନ୍ଦର କର୍ତ୍ତୃପକ୍ଷ, ରାଜ୍ୟ ସରକାର ଏବଂ ସାର କମ୍ପାନୀଗୁଡ଼ିକ ମଧ୍ୟରେ ଘନିଷ୍ଠ ସମନ୍ୱୟ ଯୋଗୁଁ ସଠିକ୍ ସମୟରେ ଆବଶ୍ୟକ ପରିମାଣର ସାର ଯୋଗାଇବା ସମ୍ଭବ ହୋଇପାରିଛି। ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ସରକାର ସାର କମ୍ପାନୀ ସହ ନିୟମିତ ସମୀକ୍ଷା ବୈଠକ କରୁଛନ୍ତି ଏବଂ ଚାହିଦା ଓ ଯୋଗାଣ ଉପରେ ଦୃଷ୍ଟି ରଖାଯାଇଛି ।

## ଗ୍ରୀନ୍‌ଲ୍ୟାଣ୍ଡ – ୟୁଏସ୍ ଟ୍ରେଡ୍ ଟାରିଫ୍

ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଗ୍ରୀନଲ୍ୟାଣ୍ଡ ଅଧିଗ୍ରହଣ ଯୋଜନାକୁ ବିରୋଧ କରୁଥିବା ଦେଶଗୁଡ଼ିକ ଉପରେ ଅତିରିକ୍ତ ବାଣିଜ୍ୟ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଛନ୍ତି। ହ୍ୱାଇଟ୍ ହାଉସ୍ ବୈଠକରେ ଶ୍ରୀ ଟ୍ରମ୍ପ କହିଛନ୍ତି, ଗ୍ରୀନଲ୍ୟାଣ୍ଡ ଆମେରିକାର ଜାତୀୟ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି, ରୁଷ ଏବଂ ଚୀନର ପ୍ରଭାବରୁ ଆମେରିକାକୁ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ଶ୍ରୀ ଟ୍ରମ୍ପ କହିଛନ୍ତି ଯେ ନାଟୋ ଆମେରିକା ସହିତ ଗ୍ରୀନଲ୍ୟାଣ୍ଡ ବିଷୟରେ ଆଲୋଚନା କରିଛି ।

ଅନ୍ୟ ପକ୍ଷରେ ରୁଷ କହିଛି ଯେ ଗ୍ରୀନଲ୍ୟାଣ୍ଡ ଅଧିଗ୍ରହଣ କରିବାର ଏହାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଏହି ପ୍ରସଙ୍ଗରେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ସମାଲୋଚନା କରାଯାଇଛି ।

## ଏସ୍‌ସି-ଟିଏମ୍‌ସି ଏମ୍‌ଏଲ୍‌ଏ

ବିଜେପି ଛାଡି ଶାସକ ତୃଣମୂଳ କଂଗ୍ରେସରେ ଯୋଗ ଦେଇଥିବା ପଶ୍ଚିମବଙ୍ଗର ବରିଷ୍ଠ ନେତା ମୁକୁଲ ରାୟଙ୍କୁ ପଶ୍ଚିମବଙ୍ଗର ବିଧାୟକ ପଦରୁ ଅଯୋଗ୍ୟ ଘୋଷଣା କରିଥିବା କଲିକତା ହାଇକୋର୍ଟଙ୍କ ଆଦେଶ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚିଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି । ଶ୍ରୀ ରାୟଙ୍କ ପୁଅ ଶୁଭ୍ରାଂଶୁ ରାୟଙ୍କ ଦ୍ୱାରା ଅଯୋଗ୍ୟତାକୁ ଚ୍ୟାଲେଞ୍ଜ କରି ଦାୟର ଆବେଦନ ଉପରେ କୋର୍ଟ୍ ନୋଟିସ ଜାରି କରିଛନ୍ତି ।